## ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗୀତା ପାଇଁ ପ୍ରସ୍ତୁତ

# ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ



ଭୁବନେଶ୍ୱର,୨୦।୯(ସକାଳଖବର): ପାର୍ବଣ ଋତୁ ଆସିଲେ ରୋମାଞ୍ଚ ଆସେ ମୁକ୍ତମଞ୍ଚ ନାଟକ ପ୍ରତିଯୋଗୀତାର। ଓଡିଶାର ସୁନାମଧନ୍ୟ ନାଟ୍ୟ ସଂସଦମାନଙ୍କ ଦ୍ୱାରା ପାର୍ବଣ ଆସରକୁ ଅଧିକ ମନୋରମ କରିବା ପାଇଁ ଆୟୋଜିତ ମୁକ୍ତମଞ୍ଚ ନାଟକ ପ୍ରତିଯୋଗୀତା ମଇଦାନକୁ ନିମନ୍ତ୍ରଣ ପାଇ ଲଢେଇକୁ ଓହ୍ଲେଇ ଆସନ୍ତି ରାଜ୍ୟର ବଛାବଛା ସାଂସ୍କୃତିକ ଅନୁଷ୍ଠାନ। ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୨୪ ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ପ୍ରତ୍ୟେକ ବର୍ଷ ଦୁଇ ଦୁଇଟି ଅହୋରାତ୍ର ନାଟକ ପରିବେଷଣ କରି ଅଞ୍ଚଳରେ ଏକ ଅଭିନବ ସାଂସ୍କୃତିକ ବନ୍ଧନ ସୃଷ୍ଟି କରିପାରିଥିବା ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ ଏ ବର୍ଷ ଏକ ନୂଆ ରୂପରେ ଏହି ପ୍ରତିଯୋଗୀତାକୁ ଓହ୍ଲେଇବା ପାଇଁ ଏହାର ପ୍ରସ୍ତୁତି ପର୍ବକୁ ଇତି ମଧ୍ୟରେ ଶେଷ ସୋପାନରେ ପହଁଚାଇଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧଜିଲ୍ଲା ଅନ୍ତର୍ଗତ ପୋଡାହିହ ସ୍ଥିତ ହର ପାର୍ବତୀ ନାଟ୍ୟ ସଂସଦ ଆନୁକୁଲ୍ୟରେ ଆସନ୍ତା ୨୬ ରୁ ୩୦ ତାରିଖ ୫ ଦିନ ଧରି ହେବାକୁ ଯାଉଥିବା ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗୀତା ପାଇଁ ନମନ୍ତ୍ରଣ ପାଇ ପ୍ରତିଯୋଗୀତାର ପ୍ରଥମ ରଜନୀ ତା ୨୬.୦୯.୨୦୧୭ (ମଙ୍ଗଳବାର) ରିଖରେ ସଂଘ ମଞ୍ଚସ୍ଥ କରିବ ଏହାର ପ୍ରଥମ ସଫଳ ପାଣ୍ଡୁଲିପି (ସ୍କ୍ରିପ୍ଟ) ନାଟକ ରାଜେନ୍ଦ୍ର ରାଉଳଙ୍କ ଲିଖିତ ନତାନ୍ଦକୁ ଛୁଇଁବା ମନାନ୍ତା ସୁନାମଧନ୍ୟ ଗୀତିକାର ଶ୍ରୀ ନିଗମ ମିଶ୍ରଙ୍କ ଗୀତ, ମାଷ୍ଟର ଅନ କୁମାରଙ୍କ ସଂଗୀତ ଓ ଝଲକ ଡ୍ୟାନ୍ସ ଗ୍ରୁପ୍‌ର ମାଷ୍ଟର ଦିଲୀପ୍‌ଙ୍କ ନୃତ୍ୟରେ ସଜ୍ଜିତ ଏହି ପ୍ରେମ-ବିରହ, ଯନ୍ତ୍ରଣା-ସାନ୍ତ୍ୱନା, ଜୀବନ ଓ ଜାଳର କାହାଣୀର ନାଟକଟିକୁ ନିର୍ଦ୍ଦେଶନା ଦେଉଛନ୍ତି ଶ୍ରୀ ଛବି ବାରିକ୍। ଏହି ପରିପ୍ରେକ୍ଷିରେ ଆୟୋଜିତ ଏକ ଉତ୍ସବରେ ନାଟ୍ୟ ପ୍ରତିଯୋଗିତାର ପ୍ରତ୍ୟେକ ପ୍ରତିଦ୍ୱନ୍ଦିତାମୂଳକ ରଜନୀକୁ ଉପସ୍ଥିତ ରହି ଉପଭୋଗ କରିବା ସହ କଳାକାରମାନଙ୍କୁ ଉତ୍ସାହିତ କରିବାକୁ ସଂଘର ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ(ସିଲୁ) ଅନୁରୋଧ କରିଥିବାବେଳେ ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ଏହିଭଳି ପ୍ରତିଯୋଗୀତା ଆୟୋଜନ ପାଇଁ ନାଟ୍ୟ ସଂସଦଗୁଡିକୁ ଏହି ଅବସରରେ ଧନ୍ୟବାଦ ଦେବାସହ ଖଣ୍ଡଗିରିମେଳା ଅବସରରେ ଆୟୋଜିତ ନାଟ୍ୟ ଉତ୍ସବ ଭଳି ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ନେଇ ସେହିଭଳି ଏକ କାଯର୍ୟକ୍ରମ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସଂଘର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାହୁ(ଗଗନ) ଧନ୍ୟବାଦ ପ୍ରସ୍ତାବ ଦେବା ସହ ସଂଘ ଆଗକୁ ଆହୁରି ପ୍ରତିଯୋଗୀତରେ ଭାଗନେବା ନେବା ଲକ୍ଷ୍ୟ ରିଖିଛି ବୋଲି ମତ ପୋଷଣ କରିଥିଲେ। ପ୍ରତିଯୋଗୀତାର ଅନ୍ୟ ରଜନୀ ଗୁଡିକରେ ଉତ୍କଳ ନାଟ୍ୟ ଚେତନା, ଭୁବନେଶ୍ୱର ଦ୍ୱାରା 'ବାହା ହେଲେ ମରିବୁ' (୨୭.୦୯.୨୦୧୭), ଆମ ନାଟକ ଭୁବନେଶ୍ୱର ଦ୍ୱାରା 'ହେ ଈଶ୍ୱର ନମସ୍କାର'(୨୮.୦୯.୨୦୧୭), ଶ୍ରୀ ଶ୍ରୀ ରାଧାକୃଷ୍ଣ ସାଂସ୍କୃତିକ ସଂସଦ, ଭୁବନେଶ୍ୱର ଦ୍ୱାରା 'ଉତ୍ତର ଦେବ ସମୟ' (୨୯.୦୯.୨୦୧୭) ଏବଂ ଉଦ୍‌ଯାପନି ସଂଧ୍ୟା (୩୦.୦୯.୨୦୧୭)ରେ ଆୟୋଜକ ଶ୍ରୀ ଶ୍ରୀ ହର ପାର୍ବତୀ ନାଟ୍ୟ ସଂସଦ ଦ୍ୱାରା 'କଥା ଦେଇଥିଲି ବାହା ହେବାକୁ' ମଞ୍ଚସ୍ଥ କରାଯିବ ବୋଲି ସଂସଦ ତରଫରୁ ସଭାପତି ତଥା ସରପଞ୍ଚ ସନ୍ତୋଷ କୁମାର ମାଣିକ୍ ଏବଂ ସଂପାଦକ ଉପେନ୍ଦ୍ର କୁମାର ଦାଶ ଉତ୍ସବ ଅବସରରେ ପ୍ରକାଶ କରିଥିଲେ।

## ସମସ୍ତ ଶିଶୁ ଯେପରି ବିଦ୍ୟାଳୟକୁ ଯିବେ ସେ ଦିଗରେ ସଚେତନତା ଆବଶ୍ୟକ

ପୁରୀ,୨୦।୯(ସକାଳଖବର): ଜାତୀୟ ଶିଶୁ ସୁରକ୍ଷା ଆୟୋଗ ପକ୍ଷରୁ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ମିଳିତ ସହଯୋଗରେ ଶିକ୍ଷା ଅଧିକାର ଆଇନ ୨୦୦୯ର କାର୍ଯ୍ୟକ୍ରମ ଉପରେ ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଏକ ଆଞ୍ଚଳିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଦିନ ହୋଟେଲ ବ୍ଲୁ ଲିଲି ପରିସରରେ ଆୟୋଜିତ ଏହି କର୍ମଶାଳାକୁ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ସଦସ୍ୟ ପ୍ରିୟଙ୍କ କାନୁନ୍‌ଗୋ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଅଧକ୍ଷତା କରି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା କସ୍ତୁରୀ ମହାପାତ୍ର କହିଲେ ଯେ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନଅନୁଯାୟୀ ୬ରୁ ୧୪ବର୍ଷ ବୟସର ସମସ୍ତ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିଥିବାରୁ ଏହା କାର୍ଯ୍ୟକାରୀ ହୋଇପାରିଲେ ଜାତୀୟ ଓ ଆର୍ନ୍ତଜାତୀୟ ମାନର ଲକ୍ଷ୍ୟ ପ୍ରାପ୍ତି ହୋଇପାରିବ ବୋଲି ସେ ମତ ଦେଇଥିଲେ। ଶିକ୍ଷାବିତ୍ ଭଗବାନ ପ୍ରକାଶ ଉଦ୍‌ଘାଟନୀ ଉତ୍ସବରେ ବକ୍ତବ୍ୟ ରଖି କହିଲେ ଯେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ଉନ୍ନତିଲକ୍ଷ୍ୟ ପୂରଣ କରିବା ନିମନ୍ତେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଯଥେଷ୍ଟ ଭୂମିକା ରହିଛି। ଏଣୁ ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରତିନିଧିମାନେ ଏ ଦିଗରେ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ। ଆୟୋଗର ସଦସ୍ୟ ପିୟଙ୍କ କାନୁନ୍‌ଗୋ କହିଲେ ଯେ ଶିକ୍ଷା ଅଧିକାର ଆଇନର କାର୍ଯ୍ୟକାରୀତା ଉପରେ କୌଣସି ପ୍ରତିବନ୍ଧକକୁ ନିରୀକ୍ଷଣ କରିବା କର୍ମଶାଳାର ଉଦ୍ଦେଶ୍ୟ। ପଞ୍ଚାୟତରାଜ ସଂସ୍ଥା ଓ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କୁ ନିଜର ଦାୟିତ୍ୱବୋଧ ଉପରେ ଗୁରୁତ୍ୱଦେବା ଦରକାର। ପ୍ରତ୍ୟେକ ଶିଶୁକୁ ଶିକ୍ଷା ଅଧିକାର ଆଇନରେ ଅର୍ନ୍ତଭୁକ୍ତ କରିବା ପାଇଁ ଦ୍ରୁତି ପ୍ରସ୍ତୁତ କରିବାରେ ଏହି କର୍ମଶାଳା ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଏହି କର୍ମଶାଳାରେ ଓଡିଶା, ଝାଡଖଣ୍ଡ, ଛତିଶଗଡ, ବିହାର, ପଶ୍ଚିମବଙ୍ଗ ଓ ଆଣ୍ଡାମାନ ନିକୋବରର ବିଭିନ୍ନ ଜିଲ୍ଲା ପରିଷଦ ସଭାପତି ଓ ଉପାଧକ୍ଷ ଅଂଶଗ୍ରହଣ କରିଥିଲେ।

## ବିଭିନ୍ନ କଲେଜ ଛାତ୍ର ସଂସଦ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ

ପଟ୍ଟାମୁଣ୍ଡାଇ,୨୦।୯(ସକାଳଖବର): ଆଗାମୀ ଛାତ୍ରସଂସଦ ନିର୍ବାଚନ ପାଇଁ ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ କଲେଜର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ପଟ୍ଟାମୁଣ୍ଡାଇ କଲେଜରେ ସଭାପତି ପ୍ରାର୍ଥୀ ଭାବେ ଅରଜିତ ସାହୁ, ବିଶ୍ୱରଞ୍ଜନ ପଣ୍ଡା, ଦେବାଶିଷ ଦାସ, ମନିଷା ଖାତୁନ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଉପସଭାପତି ପ୍ରାର୍ଥୀ ଭାବେ ସୁଶାନ୍ତ କୁମାର ବଳ, ସ୍ୱାଧୀନ ସ୍ୱାଇଁ ନିର୍ବାଚନ ଲଢୁଛନ୍ତି । ସାଧାରଣ ସଂପାଦକ ପଦ ପାଇଁ ଅଭିଷେକ ଧଳ, ସନ୍ଦିପ କୁମାର ମହାନ୍ତି ଏବଂ ସହସାଧାରଣ ସଂପାଦକ ପଦ ନିମନ୍ତେ ଅର୍ଚ୍ଚନା ନାୟକ, ପ୍ରଜ୍ଞାମୟୀ ଦାଶ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ସେହିପରି ପଟ୍ଟାମୁଣ୍ଡାଇ ମହିଳା କଲେଜରେ ସଭାପତି ପଦ ପାଇଁ ରୋଜି ଜେନା, ସୋନାଲି ଦାସ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଉପସଭାପତି ପଦ ପାଇଁ ସାଜେଦା ବର୍ମନ, ରଶ୍ମିପ୍ରଭା ରାଉତ ପ୍ରାର୍ଥୀ ହୋଇଛନ୍ତି । ସାଧାରଣ ସଂପାଦିକା ପଦ ପାଇଁ ପ୍ରିୟଙ୍କା ମଲିକ, ସୌମ୍ୟାଶ୍ରୀ ମଲିକ ଏବଂ ସହସାଧାରଣ ସଂପାଦିକା ପଦ ପାଇଁ ବର୍ଷା ଜେନା, ମୋନି ପାତ୍ର ପ୍ରାର୍ଥୀ ହୋଇଛନ୍ତି ।

ଅନୁରୂପ ଭାବେ ମଦନପୁର ଯୁକେ ମହାବୀର କଲେଜରେ ସଭାପତି ପଦ ପାଇଁ ନିଧିରାମ ପ୍ରଧାନ, ସନାତନ ରାଉତ, ଶୁଭକାନ୍ତ ପାତ୍ର ପ୍ରାର୍ଥୀ ହୋଇଛନ୍ତି । ଉପସଭାପତି ପଦ ନିମନ୍ତେ ବିଶ୍ୱରଞ୍ଜନ ପ୍ରଧାନ, ମନୋଜ କୁମାର ବେହେରା, ସୌମ୍ୟରଞ୍ଜନ ସିଂ, ସାଧାରଣ ସଂପାଦକ ପଦ ନିମନ୍ତେ ଅନସୂୟା ରାଉତ, ବିଚିତ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ସାହୁ ଏବଂ ସହସାଧାରଣ ସଂପାଦକ ପଦ ନିମନ୍ତେ ପ୍ରିୟ ରଞ୍ଜନ ସାହୁ, ସ୍ମୃତିରେଖା ବେହେରା, ସୁଜାତା ମଲିକ ପ୍ରାର୍ଥୀ ହୋଇଛନ୍ତି ।

## ଅଧିକାଂଶ ଏସ୍‌ଏଚ୍‌ଜି ଗ୍ରୁପ୍ ଟଙ୍କା ସୁଧରେ ଲାଗୁଥିବା ଅଭିଯୋଗ

ବାଲେଶ୍ୱର, ୨୦।୯(ସକାଳଖବର): ସମାଜରେ ବସବାସ କରୁଥିବା ବିଭିନ୍ନ ବର୍ଗର ମହିଳା ମାନଙ୍କୁ ସ୍ୱାବଲମ୍ବୀ ସହ ଆତ୍ମ ନିର୍ଭରଶୀଳ କରିବା ନିମନ୍ତେ ବିଭିନ୍ନ ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥା ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମାଧ୍ୟମରେ ଋଣ ଯୋଗାଣର ବ୍ୟବସ୍ଥା କରାଯାଇଛି । ସର୍ବନିମ୍ନ ୧୦ ଜଣ ମହିଳା ସଦସ୍ୟାଙ୍କୁ ନେଇ ଗଠିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ମିଳୁଥିବା ଟଙ୍କାରେ ବଡ଼ି, ମୁଢ଼ି, ଛତୁଆ, ଆଚାର ଆଦି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ବିଭିନ୍ନ ସଂସ୍ଥାକୁ ବିକ୍ରୟ କରି ନିଜର ଆର୍ôଥିକ ସମସ୍ୟା ତଥା ପରିବାରର ଆର୍ଥିକ ସମସ୍ୟାର ସମାଧାନ କରିପାରିବାର ଲକ୍ଷ ନେଇ ସରକାର ଏହି ଋଣ ପ୍ରଦାନର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏବେ ଦେଖିବାକୁ ମିଳୁଛି ଆତ୍ମ ନିର୍ଭରଶୀଳ ଓ ରୋଜଗାରକ୍ଷମ ହେବା ନିମନ୍ତେ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀମାନେ ନେଉଥିବା ଟଙ୍କା ଏବେ ମାସିକ ୧୦ରୁ ୨୦ ପ୍ରତିଶତ ସୁଧରେ ଲୋକମାନଙ୍କୁ ଲଗାଯାଉଛି । ଏହା ଦ୍ୱାରା ସରକାରଙ୍କ ମୂଳ ଲକ୍ଷ ପୂରଣ ହେବାରେ ପ୍ରତିବନ୍ଧକ ଦେଖାଦେଇଛି ।

ବିଭିନ୍ନ ବ୍ୟାଙ୍କ ଓ ଅର୍ଥ ଲଗାଣକାରୀ ସଂସ୍ଥାମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଦେଉଥିବା ଟଙ୍କା ମହିଳା ମାନେ ଠିକ୍ ସମୟରେ ଶୁଝୁଥିବା ବେଳେ ଅନ୍ୟପକ୍ଷରେ ନେଉଥିବା ଟଙ୍କାକୁ ସଠିକ୍ ରୂପେ ବିନିଯୋଗ ନ କରି ସୁଧରେ ଲଗାଇ ଆଉ କିଛି ଲୋକଙ୍କୁ ଶୋଷଣ କରୁଥିବାରୁ ଅନେକ ସ୍ଥାନରେ ଟଙ୍କା ସୁଧ ଲଗାଇବାକୁ କେନ୍ଦ୍ର କରି ଗଣ୍ଡଗୋଳିଆ ପରିସ୍ଥିତି ଉପୁଜୁଥିବାର ଦେଖିବାକୁ ମିଳୁଛି ।ମିଳିଥିବା ଖବର ଅନୁଯାୟୀ, ଗୋଟିଏ ଗୋଟିଏ ପରିବାରର ୩/୪ ଜଣ ମହିଳା ସଦସ୍ୟା ଅନ୍ୟ ମହିଳା ସଦସ୍ୟା ମାନଙ୍କୁ ସାଥିରେ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ବ୍ୟାଙ୍କ କିମ୍ବା ଅର୍ଥ ଲଗାଣକାରୀ ସଂସ୍ଥାରୁ ଲକ୍ଷ ଲକ୍ଷ ଟଙ୍କା ନେଇ ସେହି ଅର୍ଥକୁ ନିଜ ସ୍ୱାମୀ, ପିତା-ମାତା କିମ୍ବା ଅନ୍ୟ କୌଣସି ଆତ୍ମୀୟଙ୍କ ଜରିଆରେ ସୁଧରେ ଲଗାଉଛନ୍ତି ।ଏ ପରିପ୍ରେକ୍ଷୀରେ ଯେଉଁ ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥାମାନେ ମହିଳା ଏସ.ଓ.ଜି ଗ୍ରୁପ୍‌ଙ୍କୁ ଟଙ୍କା ଦେଉଛନ୍ତି ସେମାନେ ଏ ବାବଦରେ ଯାଂଚ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଉଛି । ସାଧାରଣ ବ୍ୟବସାୟୀଟିଏ ମାତ୍ର ୨୦/୩୦ ହଜାର ଟଙ୍କା ଋଣ ପାଇବାରୁ ବଂଚିତ ହେଉଥିବା ବେଳେ କେତେକ ସୁଧଖୋର ମହିଳାଙ୍କୁ ନେଇ ଗଠିତ ଏସ.ଓ.ଜିକୁ ଲକ୍ଷ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବା କ୍ଷୋଭ ଓ ପରିତାପର ବିଷୟ । ରାଜ୍ୟ ସରକାର ବିଭିନ୍ନ ବ୍ୟାଙ୍କ ତଥା ଋଣ ଯୋଗାଣକାରୀ ସଂସ୍ଥାମାନେ ଏ ଦିଗରେ ସଚେତନ ହୋଇ ବିହୀତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି ।

## ବିଶିଷ୍ଟ ସମାଜସେବୀ ତଥା ସଙ୍ଗଠିକା ମଞ୍ଜରୀ ଆଉ ନାହାନ୍ତି

ପୁରୀ,୨୦/୯: ବିଶିଷ୍ଟ ସମାଜସେବୀ ହଠାତ୍ ସଙ୍ଗଠିକା ମଞ୍ଜରୀ ଚାଟାର୍ଜୀ ଗତକାଲି ରାତିରେ ତାଙ୍କର ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ଚାଟାର୍ଜୀ ଜଣେ ସମାଜସେବୀ ଓ ସଙ୍ଗଠିକା ଭାବେ ପୁରୀ ଜିଲ୍ଲାରେ ସେ ବେଶ୍ ପରିଚିତା। ରାଜ୍ୟ ଶିଶୁ ଓ ସମାଜ କଲ୍ୟାଣ ବିଭାଗର ଶିଶୁ ବିକାଶ ଯୋଜନାର ସେ ସୁପରଭାଇଜର ଭାବେ ଡେଲାଙ୍ଗରେ କାର୍ଯ୍ୟ କରି ଚାକିରୀରୁ ଅବସର ନେଇଥିଲେ। ତାଙ୍କ ମର ଶରୀରକୁ ଏକ ପଟୁଆରରେ ବାସଭବନରୁ ଅଣାଯାଇ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ବ୍ରହ୍ମଗିରି, ପୁରୀ ଓ ଡେଲାଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶ୍ରେଷ୍ଠ ଅଙ୍ଗନବାଡି ୱାର୍କର ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହେବା ସହ ଶ୍ରୀକ୍ଷେତ୍ର ଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

## ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଭଦ୍ରକ, ୨୦।୯ (ସକାଳ ଖବର) : ଆଜି ଭଦ୍ରକର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଲକ୍ଷ୍ମୀଧର ଭୂୟାଁଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇବା ସହ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ବିବରଣୀରୁ ପ୍ରକାଶ ଗତ ୨୦୧୩ ମସିହା ଜୁନ୍ ୧୯ ତାରିଖ ଦିନ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ମାରଣପୁର ଗ୍ରାମର ଶଙ୍କର୍ଷଣ ଭୂୟାଁ ସନ୍ଧ୍ୟା ୮ଘଟିକା ସମୟରେ ଇଚ୍ଛାପୁର ଛକରୁ ନିଜ ଘରକୁ ଫେରୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ସାନଭାଇ ଅଭିଯୁକ୍ତ ଲକ୍ଷ୍ମୀଧର, ଭାସ୍କର ପ୍ରଧାନଙ୍କ ଘର ନିକଟରେ ତାଙ୍କୁ ଅତର୍କିତ ଭାବେ ଏକ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲା । ଫଳରେ ଶଙ୍କର୍ଷଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ଭଦ୍ରକ ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ଫଳରେ ମୃତ ଶଙ୍କର୍ଷଣଙ୍କର ପତ୍ନୀ ଉମାମଣୀ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ଦେବା ପରେ କେଶ୍ ନଂ ୨୨୦/୧୩ ମୂଳେ ଏକ ମକଦ୍ଦମା ରୁଜୁ ହୋଇଥିଲା । ଏହି ହତ୍ୟାକାଣ୍ଡର ତଦନ୍ତ କରି ଥାନାଧିକାରୀ ଅଭିଯୁକ୍ତ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ ଦଫା ୩୦୨ ମୂଳେ ଅଭିଯୁକ୍ତ କୁ ଗିରଫ କରିଥିଲେ । ପରେ କୋର୍ଟରେ ଏସଟି କେସ୍ ନଂ ୬୪/୨୩୯/୧୫ରେ ମାନ୍ୟବର ଜଜ୍ ସମସ୍ତ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ଆଜି ଅଭିଯୁକ୍ତକୁ ଉପଯୁକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଆଡସିନାଲ ପିପି ତ୍ରିଲୋଚନ ପାତ୍ର ଓ କମଳାକାନ୍ତ ମହାପାତ୍ର ପରିଚାଳନା କରିଥିଲେ ।



## ବିଜେପିର ମିଶ୍ରଣ ପର୍ବ ଆୟୋଜିତ

ଜୟପୁର, ୨୦।୯(ସକାଳଖବର): ଜୟପୁର ଠାରେ ବିଜେପି ତରଫରୁ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ଏଥିରେ ବିଜେଡି ଦଳ ଛାଡି କାଉନସିଲର ଅନୁପ ପାତ୍ର ଏବଂ ଆଇନଜୀବି ବିଜୟ କୁମାର ରାୟ ଜେନା ଦେଓଙ୍କ ନେତୃତ୍ୱରେ ଶହ ଶହ ଯୁବକ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଥମେ ସ୍ଥାନୀୟ ରଜାନହର ଠାରୁ ଏକ ଶୋଭାଯାତ୍ରା ଗାନ୍ଧିଛକ ପର୍ଯ୍ୟନ୍ତ ଆସିଥିଲା । ଏଥିରେ ଶହ ଶହ ଯୁବକ ସାମିଲ ହୋଇଥିଲେ । ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ଲୋଗାନ ଦେଇଥିଲେ । ଏହି ଅବସରରେ ଦଳ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ପୂର୍ବତନ ସାଂସଦ ଜୟରାମ ପାଙ୍ଗି ଯୋଗ ଦେଇ ବିଜୁ ବାବୁଙ୍କ ପ୍ରଶଂସାରେ ନିଜ ଭାଷଣ ଆରମ୍ଭ କରି ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପାଙ୍ଗି କହିଥିଲେ ଯେ, କୋରାପୁଟ ଜିଲା ବିଜେଡିରେ ରାବଣ ରାଜ ଚାଲିଥିବା ବେଳେ ରାୟଗଡା ବିଜେଡିରେ କଂସ ରାଜ ଚାଲିଛି । ତେଣୁ ଉଭୟ ରାବଣ ଏବଂ କଂସକୁ ହଟାଇବା ହିଁ ମୋର ଲକ୍ଷ୍ୟ ବୋଲି ପାଙ୍ଗି କହିଥିଲେ । ଭାଜପା ସୁପ୍ରିମୋ ଅମିତ ଶାହା ୧୨୦ ଆସନର ଟାର୍ଗେଟକୁ ନେଇ ପାଙ୍ଗି କହିଥିଲେ ଯେ, ଏହା ସମ୍ପୂର୍ଣ୍ଣ ରୂପେ ସଫଳ ହେବ କାରଣ ବର୍ତମାନର ୧୧୭ ବିଜେଡି ବିଧାୟକ ହାରିବେ ଏବଂ କୋରାପୁଟ ଜିଲାର ତିନି କଂଗ୍ରେସ ବିଧାୟକ ହାରି ଭାଜପାର ୧୨୦ ମିଶନକୁ ସଫଳତାରେ ପହଂଚାଇବେ ।

## ସାମ୍ବିଧାନିକ ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ ଅଭିଯୋଗ




- କୋମାରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନା
- ସୁବର୍ଣ୍ଣରେଖା ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର,୨୦।୯(ସକାଳଖବର): ବାଲେଶ୍ୱର ଜିଲ୍ଲାର ପ୍ରସ୍ତାବିତ ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ କେନ୍ଦ୍ର ସରକାର ଅନୁମୋଦନ ନ କରିବାକୁ ନେଇ 'ସୁବର୍ଣ୍ଣରେଖା ସୁରକ୍ଷା ମଞ୍ଚ' ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ସହରର ହୋଟେଲ କଳିଙ୍ଗ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ଅଧ୍ୟକ୍ଷ ତଥା ବିଶିଷ୍ଟ ସ୍ତମ୍ଭକାର ସୁଦର୍ଶନ ଦାସ, ବାଲେଶ୍ୱର ସିଭିଲ ସୋସାଇଟି ସଭାପତି ପ୍ରଫେସର ଅନ୍ତଯର୍ୟାମୀ ପ୍ରଧାନ, ଉପ-ସଭାପତିବସନ୍ତ ସ, ସାଧାରଣ ସମ୍ପାଦକ ଆଇନଜୀବୀ ମନୋଜ ନାୟକ, ସୁବର୍ଣ୍ଣରେଖା ସୁରକ୍ଷା ସେନାର ସଂଯୋଜକ ଅନୁପ ବେହେରା, ଜଳେଶ୍ୱର ବିକାଶ ମଞ୍ଚର ସମ୍ପାଦକ ପଦ୍ମଲୋଚନ ବେହେରା, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାଯର୍ୟକାରୀରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଥିଲେ। ସୁବର୍ଣ୍ଣରେଖା ନଦୀରେ ପ୍ରତିବର୍ଷ ବନ୍ୟା ଯୋଗୁଁ ବହୁ ଧନ ଜୀବନ ନଷ୍ଟ ହେବା ସହ ଉତ୍ତର ବାଲେଶ୍ୱରର ୧୪୭ ଟି ରାଜସ୍ୱ ଗ୍ରାମ ପ୍ରଭାବିତ ହେଉଛି। ସୁବର୍ଣ୍ଣରେଖାକୁ ବାଲେଶ୍ୱରର ଦୁଃଖ କୁହାଯାଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ପାଇଁ ୨୦୦୮ ମସିହାରେ ଜିଲ୍ଲା ପ୍ରଶାସନ ତଥା ଜଳସେଚନ ବିଭାଗ ପକ୍ଷରୁ ୯୮୦ କୋଟି ଟଙ୍କାର ଏକ ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା। ସୁବର୍ଣ୍ଣରେଖା ସଂସ୍କାର ଯୋଜନା ନାମରେ ପ୍ରସ୍ତାବିତ ଏହି ପ୍ରକଳ୍ପକୁ ଦୀର୍ଘ ୯ ବର୍ଷ ପରେ ବି କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ନ ମିଳିବା ବାସ୍ତବିକ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଥିଲେ। ଭାରତର ସଂଘୀୟ ବ୍ୟବସ୍ଥାରେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ ନକରିବା ଗଣତନ୍ତ୍ର ବିରୋଧୀ ବୋଲି ସେମାନେ କହିଥିଲେ। ସେହିଭଳି ସୁବର୍ଣ୍ଣରେଖା ନଦୀରୁ ପଶ୍ଚିମବଙ୍ଗର ବାଲି ମାଫିଆମାନେ ଜୋର ଜବରଦସ୍ତ ବାଲି ଉତ୍ତୋଳନ କରିବା ସ୍ଥାନୀୟ ଅଞ୍ଚଳ ପାଇଁ ମହାବିପଦ ଭାବେ ଉଭା ହୋଇଥିବା ମଞ୍ଚପକ୍ଷରୁ ଆରୋପ ହୋଇଛି। ଏନେଇ ଓଡ଼ିଶା ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ଅଙ୍କୁଶ ନ ରହିବା ଚିନ୍ତାର କାରଣ ହୋଇଛି। ପର୍ଯ୍ୟାପ୍ତ ବାଲି ଉଠାଯିବା ଯୋଗୁଁ ନଦୀ ଶଯ୍ୟା ଗଭୀର ହୋଇ ପ୍ରତିବର୍ଷ ନଦୀ କୂଳ ଲଂଘି ଚାଲିଛି। ଫଳ ସ୍ୱରୂପ ଅବବାହିକାର ଓଡ଼ିଶା ପାର୍ଶ୍ୱ ଜମି ନଦୀ ଗର୍ଭରେ ଲୀନ ହେବାକୁ ଲାଗିଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ପଠାଇ ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା କରିବାକୁ ସେମାନେ ଦାବି କରିଛନ୍ତି। ସଂସ୍କାର ଯୋଜନା ପ୍ରକଳ୍ପ ଓ ବେଆଇନ୍ ବାଲି ଉତ୍ତୋଳନ ଦାବି କରାଯାଇଛି ।

## ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେବା ପାଇଁ ଜିଲ୍ଲା ଭାଷା ସୁରକ୍ଷା ସମ୍ମିଳନୀର ଜରୁରୀ ବୈଠକ

ଯାଜପୁର, ୨୦।୯(ସକାଳଖବର): ରାଜ୍ୟ ସରକାର ୧୯୫୪ ମସିହା ଭାଷା ଆଇନକୁ କାର୍ଯ୍ୟକାରୀ କରିବା ଦିଗରେ ଅବହେଳା କରୁଥିବା ବିରୁଦ୍ଧରେ ଏବଂ କ୍ରମାଗତ ଦାବୀ ସତ୍ତ୍ୱେ ଓଡ଼ିଆ ଭାଷା ଆୟୋଗ ଗଠନ ନକରିବା ସହିତ ସରକାରୀ ଦପ୍ତର, ଅନ୍ୟାନ୍ୟ କ୍ଷେତ୍ରରେ ଓଡ଼ିଆ ଭାଷା ବ୍ୟବହାର ନକଲେ ଦଣ୍ଡବିଧାନର ଆଇନଗତ ବ୍ୟବସ୍ଥା କରାଯାଉନଥିବାରୁ ଓଡ଼ିଶା ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ଭୁବନେଶ୍ୱରଠାରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବାକୁ ସ୍ଥିର କରାଯାଇଛି । ଏଥିପାଇଁ ଭାଷା ସୁରକ୍ଷା ସମ୍ମିଳନୀ ଯାଜପୁର ଜିଲ୍ଲା ଶାଖା ତରଫରୁ ଆଜି ଅଫିସର୍ସ କ୍ଲବ୍‌ଠାରେ ଜିଲ୍ଲା ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ପାଦକ ସନ୍ତୋଷ କୁମାର ନନ୍ଦ ଆଇନ ଅମାନ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଅନନ୍ୟା ସାହିତ୍ୟ ସଂସଦ ଡ. କାହ୍ନୁଚରଣ ମିଶ୍ର, ହୃଷିକେଶ ପତି, ପାଣ୍ଡବ ଚରଣ ସାହୁ, ବିଭୂତି ମହାପାତ୍ର, ଗୋକର୍ଣ୍ଣିକା ସାହିତ୍ୟ ସମାଜ ସୁନାକର ସାହୁ, ବ୍ରଜକିଶୋର ଦାସ, ବ୍ରଜବନ୍ଧୁ ଶତପଥୀ, ଅଜୟ କୁମାର ବାରିକ, ହରିହର ମାହୁନ୍ତ, କୋରେଇ ମଣ୍ଡଳ ସାହିତ୍ୟ ସଂସଦ ସମ୍ପାଦକ ଡ. ସୂର୍ଯ୍ୟମଣି ଖୁଂଟିଆ, କାର୍ଯ୍ୟକାରୀ ସମ୍ପାଦକ ଦୟାନିଧି ନାୟକ, ଶିଳାଲିପି ସାହିତ୍ୟ ମଂଚର ଅଜୟ କୁମାର ବଳ, ନିର୍ଦ୍ଦେଶକ ଶରତ କୁମାର ଜେନା, ସୁକିନ୍ଦା ସାହିତ୍ୟ ସମାଜ ସଭାପତି ଦୁର୍ଯ୍ୟୋଧନ ନାୟକ, ଯୁଗଜ୍ୟୋତି ସଭାପତି ପ୍ରମୋଦ କୁମାର ଦାଶ ପ୍ରମୁଖ ଯୋଗଦେଇ ଆଇନ ଅମାନ୍ୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ସାହିତ୍ୟ, ସଂସ୍କୃତି, ସାମାଜିକ ସଙ୍ଗଠନ, ଅନୁଷ୍ଠାନର କର୍ମକର୍ତା, ଓଡ଼ିଆ ଭାଷାପ୍ରେମୀ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ନିବେଦନ କରିଛନ୍ତି । ଶେଷରେ ଭାଷା ସୁରକ୍ଷା ସମ୍ମିଳନୀ ଜିଲ୍ଲା ଉପ-ସଭାପତି ଗୁଣନିଧି ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସେବାୟତଙ୍କୁ ...

ସେ ଆହୁରି ମଧ୍ୟ କହିଛନ୍ତି ଯେ କାର୍ତିକ ମାସ ହେଉଛି ଧର୍ମର ମାସ। ଏହି ମାସରେ ପୁରୀକୁ ବହୁ ଭକ୍ତ ଆସିଥାନ୍ତି। ଭିଡ଼କୁ ଦେଖି ୧ ଅକ୍ଟୋବର ୨୦୧୭ରୁ ୪ ନଭେମ୍ବର ପର୍ଯ୍ୟନ୍ତ ୩୫ ଦିନର କାର୍ଯ୍ୟ ନିର୍ଘଂଟକୁ ମଞ୍ଜୁରୀ ମିଳିଛି। ଏଥିରେ ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ଉପରେ ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ ଯେ କିଛି ଦିନ ପୂର୍ବେ ପଶ୍ଚିମବଙ୍ଗର ଜଣେ ମହିଳା ଏବଂ ନାବାଳକ ଶ୍ରୀ ଜିଉ , ମୁକ୍ତିମଣ୍ଡପ ଇତ୍ୟାଦିର ଫଟୋ ଉଠାଇ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ । ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ ଫୋନ୍ ନେବା ଉପରେ କଟକଣା ରହିଥିଲେ ମଧ୍ୟ ସେମାନେ କିପରି ଫଟୋ ଉଠାଇଲେ ସେନେଇ ଚର୍ଚା ହୋଇଥିଲା ।

### ଭୂପିନ୍ଦର ...

ଏହା ବ୍ୟତୀତ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ତାଙ୍କୁ ମଧ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ଦିଆଯାଇଛି ।

### ମମତାଙ୍କୁ ...

ଯାଚିକା ଦାୟର କରାଯାଇଥିଲା । ଯାଚିକାରେ କୁହାଯାଇଥିଲା ଯେ ମମତା ସରକାର ତୃଷ୍ଟିକରଣ ରାଜନୀତି ପାଇଁ ବିଜୟାଦଶମୀ ଦିନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭସାଣି ପାଇଁ ଅନୁମିତ ଦେଇଛନ୍ତି । କାରଣ ପରବର୍ତ୍ତୀ ଦିନ ମୁହରମ ପଡୁଛି । ତେଣୁ ବିସର୍ଜନ ଉପରେ ରୋକ୍ ଲଗାଇଦିଆଯାଇଛି ।

## ବିଦ୍ୟାଳୟ ପରିସରରେ ମହାପୁରୁଷଙ୍କୁ ମୂର୍ତ୍ତି ଉନ୍ମୋଚନା

ପୁରୀ,୨୦/୯(ସକାଳଖବର): ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ବୁଧବାର ପର୍ବାହ୍ନରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉତ୍ସବରେ ବରିଷ୍ଠ ସ୍ୱାଧିନତା ସଂଗ୍ରାମୀ ଚନ୍ଦ୍ରଶେଖର ନାୟକ, ଉତ୍କଳ ସ୍ୱାଭିମାନ ମଞ୍ଚର ଅଧକ୍ଷ ରାଧାକାନ୍ତ ଦାସ, ପୌର ସଦସ୍ୟ ରଘୁନାଥ ମହାପାତ୍ର, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନେ ବରପୁତ୍ରମାନଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେଲେ ନିଶ୍ଚୟ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରେଣୁକା ମିଶ୍ର, ମନସ୍ୱିନୀ ମିଶ୍ର, ସ୍ୱାଗତିକା ମହାପାତ୍ର, ନବ କୁମାର ନାୟକ, ସୁବଧ ଧଳ, ମାହେସ୍ମିତା ପ୍ରଧାନ, ଅର୍ଚ୍ଚନା ରଥ, ପ୍ରମୋଦ ପଟ୍ଟନାୟକ, କବିତା ପଟ୍ଟନାୟକ ଓ ସଙ୍ଗିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରୀୟ ହାରରେ ଆୟୁଷ ଡାକ୍ତରଙ୍କୁ ଦରମା ଦେବା ଦାବିରେ ରାଜଧାନୀରେ ଧାରଣା

ଭୁବନେଶ୍ୱର, ୨୦।୯(ସକାଳଖବର): କେନ୍ଦ୍ରୀୟ ହାରରେ ଦରମା ଦେବା ଏବଂ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିବା ଆୟୁଷ ଡାକ୍ତର ମାନଙ୍କୁ ସ୍ଥାୟୀ କରିବା ଦାବିରେ ଓଡ଼ିଶା ଆୟୁଷ ଡାକ୍ତର ସଂଘ ପକ୍ଷରୁ ରାଜଧାନୀରେ ଆରମ୍ଭ ହୋଇଥିବା ଧାରଣା ୩ ଦିନରେ ପହଂଚିଛି । ସରକାରଙ୍କ ପକ୍ଷରୁ ଏହି ଦାବି ଉପରେ କୌଣସି ପଦକ୍ଷେପ ନିଆନଯିବା ଏବଂ ଆଗ୍ରହ ପ୍ରକାଶ କରାନଯିବା ଉପରେ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କେନ୍ଦ୍ର ସରକାର ଆୟୁଷ ଡାକ୍ତର ମାନଙ୍କୁ ମାସିକ ବେତନ ୨୩ ହଜାର ଟଙ୍କା ବୃଦ୍ଧି କରିଥିଲା ବେଳେ ରାଜ୍ୟ ସରକାର ୧୮ ହଜାର ଟଙ୍କା ଦେଉଛନ୍ତି । ଯାହା ଫଳରେ ୫ ହଜାର ଟଙ୍କା ପ୍ରତି ମାସରେ ସମ୍ପୃକ୍ତ ଡାକ୍ତରମାନେ କ୍ଷତି ସହୁଛନ୍ତି। ବର୍ଦ୍ଧିତ ହାରରେ ଦରମା ଦେବାପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଦେଇଛନ୍ତି । ବର୍ତମାନ ରାଜ୍ୟରେ ୧ ହଜାରରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତର କାର୍ଯ୍ୟରତ ଅଛନ୍ତି । ଏମାନେ ସମସ୍ତେ ପିଏଚସି ଏବଂ ସିଏଚସିରେ କାମ କରୁଛନ୍ତି । ଅଧିକାଂଶ ପିଏଚସି ଏବଂ ସିଏଚସିରେ ଏଲୋପାଥି ଡାକ୍ତର ନାହାନ୍ତି, ଏମାନେ ସବୁ କାର୍ଯ୍ୟ କରୁଛନ୍ତି । ଏନଏଚଆରଏମ ର କର୍ତୃପକ୍ଷ ପ୍ରଥମ ଦିନ ଆସି ୬ ଘଂଟା ମଧ୍ୟରେ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଆସିଲେ ନାହିଁ । ୩ ଦିନ ବିତିଗଲାଣି । ସରକାର ବା ବିଭାଗର କୌଣସି ଅଧିକାରୀଙ୍କର ଦେଖା ନାହିଁ । ଯେ ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇନାହିଁ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ବିଏମ୍‌ସିର ନୂତନ କାର୍ଯ୍ୟାଳୟ ଜାନୁୟାରୀ ମାସରୁ ଆରମ୍ଭ

ଭୁବନେଶ୍ୱର, ୨୦।୯(ସକାଳଖବର): ବିଏମ୍‌ସିର ନୂତନ କାର୍ଯ୍ୟାଳୟ ଜନପଥରେ ନିର୍ମାଣ କରାଯିବ । ଜାନୁୟାରୀ ମାସରୁ ଏହାର କାର୍ଯ୍ୟ ଆରମ୍ଭ ହେବ । ଏହା ୧୨ ମହଲା ବିଶିଷ୍ଟ ଅଟ୍ଟାଳିକା ହେବ । ଅଢ଼େଇ ବର୍ଷ ଭିତରେ ଏହି କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ରଖାଯାଇଛି ।

## ବିଜେଡ଼ିର ୫ ଘଂଟିଆ ହରତାଳରେ ଜନଜୀବନ ପ୍ରଭାବିତ

ରାଉରକେଲା, ୨୦।୯(ସକାଳଖବର): କେନ୍ଦ୍ର ସରକାରଙ୍କ ପକ୍ଷରୁ ଅହେତୁକ ତୈଳଦର ବୃଦ୍ଧି ପ୍ରତିବାଦରେ ଗର୍ଜନ କରିଛି ବିଜେଡି । ଗତକାଲି ସକାଳ୭ରୁ ୧୨ଟା ପର୍ଯ୍ୟନ୍ତ ୫ ଘଂଟା ଧରି ଦେଇଥିଲା ହରତାଳର ଡାକରା । ଯାହା ଦ୍ୱାରା ଜନଜୀବନ ପ୍ରଭାବିତ ହୋଇଛି । ଏପରିକି କେତେକ ଜାଗାରେ ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଥିବା ଜଣାପଡିଛି। ପେଟ୍ରୋଲ, ଡିଜେଲ, ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ବନ୍ଦ ଡାକରା ଦିଆଯାଇ ଟ୍ରେନ, ବସ ଚଳାଚଳକୁ ଠପ୍ କରିଦିଆଯାଇଥିଲା । ବିଜେଡି କର୍ମୀ ମାନେ ଏକଜୁଟ ହୋଇ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ପାନପୋଷ ଗାନ୍ଧି ଛକ, ହକି ଛକ, ତାରିଣୀ ମନ୍ଦିର ଛକ, ଏସଟିଆଇ, ଉଦିତନଗର, ଡେଲିମାର୍କେଟ, ବାସନ୍ତୀକଲୋନୀ, ଡିଏଭି, ଛେଣ୍ଡ, ବିଶ୍ରା ଛକ, ଆମ୍ବାଗାନ, କୋଏଲନଗର, ଶକ୍ତିନଗର, ଜଗଦା ଓ ଝିରପାଣି ଅଂଚଳରେ ବିଜେଡି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା । ବିଜେଡିକର୍ମୀ ମାନେ ପିକେଟିଂ କରି ଦୋକାନ ବଜାର ବନ୍ଦ କରାଇଥିଲେ । ବନ୍ଦ ଯୋଗୁ ଜନଜୀବନ ବାଧାପ୍ରାପ୍ତ ହୋଇଥିଲା । କେତେକ ଜାଗାରେ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତର ମାନଙ୍କୁ ମଧ୍ୟ ଡାକ୍ତରଖାନା ଯିବାକୁ ଛଡା ଯାଇ ନଥିଲା । ଏହା ଦ୍ୱାରା ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଇଥିଲା । ବସ ଓ ଅଟୋ ଚଳାଚଳ କିଛି ଘଂଟା ପାଇଁ ସହରରେ ଠପ୍ ହୋଇଯିବା କାରଣରୁ ଲୋକ ମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସହରର କିଛି ସ୍କୁଲ ଓ କଲେଜ ବନ୍ଦ ରହିଥିବା ବେଳେ, କିଛି ସ୍କୁଲରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମ ଥିବା ଲକ୍ଷ୍ୟ କରାଯାଇଥିଲା । ପୁଲିସ ପକ୍ଷରୁ ବିଭିନ୍ନ ଜାଗାରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା । ବିଜେଡିର ବରିଷ୍ଠ ନେତା ସୁବ୍ରତ ତରାଇ, ସାରଦା ନାୟକ, ଆନନ୍ଦଚନ୍ଦ୍ର ମହାନ୍ତି ପ୍ରମୁଖ ବନ୍ଦରେ ସାମିଲ ହୋଇଥିଲେ । ସେହିପରି ଦକ୍ଷିଣ ରାଉରକେଲାରେ ମଧ୍ୟ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା ।

